# ଆଜ୍ଞାମାଳ, କଳସ ଶୋଭାଯାତ୍ରା

ଚାନ୍ଦବାଲି,୨୬।୩ (କିଷାନ ପାତ୍ର)

ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ଚାନ୍ଦବାଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆଜ୍ଞାମାଳ ଯାତ୍ରା ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଆଜ୍ଞାମାଳ ଯାତ୍ରା ଏବଂ ବୁଧବାର ମହିଳାଙ୍କ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଭୁବନେଶ୍ୱର ରାମ ମନ୍ଦିର, ଆରଡ଼ିର ବାବା ଆଖଣ୍ଡଳମଣି ଓ ଚାନ୍ଦବାଲି ମା' କାଳୀଙ୍କ ପାଖରୁ ଅଣାଯାଇଥିବା ଆଜ୍ଞାମାଳକୁ ନେଇ ଚାନ୍ଦବାଲି ବସ୍‌ଷ୍ଟାଣ୍ଡଠାରୁ କାଳୀପଡ଼ିଆ ପର୍ଯ୍ୟନ୍ତ ଭବ୍ୟ ଶୋଭାଯାତ୍ରା କରାଯାଇଥିଲା। ବୈତରଣୀ ନଦୀରୁ ଘଟ ଉତ୍ତୋଳନ କରି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। କାଳବୈଶାଖୀ ବର୍ଷା ଓ ପବନ ସତ୍ତ୍ୱେ ବହୁ ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ରାମନବମୀ ଶୋଭାଯାତ୍ରା ପୂର୍ବରୁ ସ୍ଥିତି ସମୀକ୍ଷା

ଭଦ୍ରକ,୨୬।୩(ସନାତନ ରାଉତ)

## ଭଦ୍ରକରେ କ୍ରାଇମବ୍ରାଞ୍ଚ ଡିଜି



ସମୀକ୍ଷା ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଓ ଭଦ୍ରକ ଏସ୍‌ପି ମନୋଜ ରାଉତ।

ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ମହାଯଜ୍ଞ ସମିତି ପକ୍ଷରୁ ଶୁକ୍ରବାର ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଭଦ୍ରକ ଗସ୍ତରେ ଆସି ସ୍ଥିତି ସମୀକ୍ଷା କରିଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟରେ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ବିଷୟରେ ଅବଗତ ହେବା ସହ ଭଦ୍ରକର ବିଭିନ୍ନ ଛକ ଓ ସାହିବସ୍ତୀରେ ପୋଲିସ ମୁତୟନ ନେଇ ସେ ସମୀକ୍ଷା କରିଥିଲେ। ଅପରାହ୍ନ ୫ଟାରେ ସହର ମଧ୍ୟରେ ଥିବା ସମସ୍ତ ପୋଲିସ ପୋଷ୍ଟ ପରିଦର୍ଶନ କରିବା ସହ ଶୋଭାଯାତ୍ରା ଯେଉଁ ବାଟ ଦେଇ ଯିବ, ସେହି ରାସ୍ତାର ସମସ୍ତ ସ୍ଥିତିକୁ ସେ ଅନୁଧ୍ୟାନ କରିଛନ୍ତି। ସାରା ଓଡ଼ିଶାରେ ଭଦ୍ରକ ରାମନବମୀର ସ୍ୱତନ୍ତ୍ର ପରିଚୟ ରହିଛି। ଆବଶ୍ୟକ ଅନୁଯାୟୀ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଡିଜି ମିଶ୍ର କହିଛନ୍ତି।

ଭଦ୍ରକ ସହରର ବନ୍ତଛକ, କଚେରି ଛକ, ମୋଚିଛକ, କଲେଜ ରୋଡ୍ ଟ୍ରାଫିକ ଛକ, ଟାଉନ ଥାନା ଛକ, ଶନିମନ୍ଦିର ଟ୍ରାଫିକ ଛକ, ବାଇପାସ୍, ପୁରୁଣାବଜାର, ଚନ୍ଦନବଜାର ଆଦି ବିଭିନ୍ନ ସ୍ଥାନରେ ପୋଲିସ ପୋଷ୍ଟ କରାଯାଇ ଫୋର୍ସ ମୁତୟନ କରାଯାଇଛି। ସଂକୀର୍ତ୍ତନ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ସୂଚନା ଦିଆଯାଇଛି। ସମୀକ୍ଷା ବୈଠକରେ ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଅଂଶୁମାନ ଦ୍ୱିବେଦୀ, ସିଟି ଡିଏସ୍‌ପି ଅନିଲ କୁମାର ପ୍ରଧାନଙ୍କ ସହ ବିଭିନ୍ନ ଥାନାର ଇନ୍ସପେକ୍ଟର ଉପସ୍ଥିତ ଥିଲେ।

# ସଜେଇ ହୋଇଛି ଭଦ୍ରକ ସହର



ମୋଚିଛକରେ ସୁସଜ୍ଜିତ ଟାୱାର।

ଭଦ୍ରକ,୨୬।୩(ସନାତନ ରାଉତ)

ଶ୍ରୀରାମ ନବମୀ ମହୋତ୍ସବ ଓ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପାଇଁ ଭଦ୍ରକ ସହର ସଜେଇ ହୋଇଛି। ସାରା ସହର ଗେରୁଆ ରଙ୍ଗରେ ରଙ୍ଗେଇ ହୋଇଛି। ସହରର ବନ୍ତଛକଠାରୁ ଅପର୍ତ୍ତିବିନ୍ଧା ଛକ, ମୋଚିଛକ, କଲେଜ ଛକ, ବାଇପାସ୍ ଆଦି ସ୍ଥାନରେ ରଙ୍ଗିନ ଆଲୋକ ସହ ଗେରୁଆ ରଙ୍ଗରେ ଟାୱାର ଓ ତୋରଣ ନିର୍ମାଣ କରାଯାଇଛି। ସହରର ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ଓ ଦୋକାନ ବଜାର ଗେରୁଆ ପତାକା ମାଳରେ ସୁସଜ୍ଜିତ ହୋଇଛି।

## ଯଜ୍ଞ ସହ ଚାଲିଛି ସାଂସ୍କୃତିକ କାର୍ଯ୍ୟକ୍ରମ

ସେହିପରି ଗାନ୍ଧୀପଡ଼ିଆ ଯଜ୍ଞସ୍ଥଳରେ ବୁଧବାରଠାରୁ ଯଜ୍ଞ ଚାଲିଥିବା ବେଳେ ଗତ ୨୧ ତାରିଖରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି। ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଚାଲିଛି। ଶୁକ୍ରବାର ନଗର ସଂକୀର୍ତ୍ତନ ଶୋଭାଯାତ୍ରା ସହ ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ।

# କଳସ ଶୋଭାଯାତ୍ରା, ମେଢ଼ ପରିକ୍ରମା

ବାସୁଦେବପୁର,୨୬।୩
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବାଲିନଗରଠାରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠାର ୧୭ତମ ଉତ୍ସବ ଓ ରାମ ନବମୀ ପରିପ୍ରେକ୍ଷୀରେ କଳସ ଶୋଭାଯାତ୍ରା, ମେଢ଼ ପରିକ୍ରମା ବୁଧବାର ସନ୍ଧ୍ୟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୦୮ କଳସ ଶୋଭାଯାତ୍ରାରେ ମହିଳାମାନେ ସାମିଲ ହୋଇଥିଲେ। ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ପ୍ରଭୁ ଶ୍ରୀରାମ, ଭକ୍ତ ହନୁମାନ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ୧୫ଟି ମେଢ଼ ସାମିଲ ହୋଇଥିଲା। ପାରମ୍ପରିକ ବାଦ୍ୟ, ନୃତ୍ୟ, କୀର୍ତ୍ତନ ଓ ଡିଜେ ସାଉଣ୍ଡରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଅରଣ୍ଡୁଆ, ଆରୁହା, ବିନାୟକପୁର, ଚାନ୍ଦିମାଳ, ଏଡ଼ତାଳ, ଇରମ, ପଞ୍ଚୁରିଖି, ବାସୁଦେବପୁର, ମନ୍ଦାରୀ ସମେତ ଆଖପାଖ ଅଞ୍ଚଳର ମେଢ଼ ଶୋଭାଯାତ୍ରାରେ ବାହାରି ନିଜ ଗାଁ ଓ ପଞ୍ଚାୟତ ପରିକ୍ରମା କରି ବାସୁଦେବପୁର ବଜାରରେ ପହଞ୍ଚିଥିଲା। ରାତି ୧୨ଟା ବେଳକୁ କଳସ ଶୋଭାଯାତ୍ରା ବିଦ୍ୟୁତ୍ ଅଫିସ ନିକଟରେ ଥିବା ପୋଖରୀଠାରେ ପହଞ୍ଚିବା ପରେ ସେଠାରେ କଳସ ବୁଡ଼ାଯାଇଥିଲାୟ। ତେବେ ପ୍ରଶାସନର ବାରଣ ସତ୍ତ୍ୱେ ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବଜାଇବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ କ୍ଷେତ୍ରରେ ପୋଲିସ ଓ ପ୍ରଶାସନ ଦେଖଣାହାରୀ ପାଲଟିଥିଲା ବୋଲି ଅଭିଯୋଗ ହେଉଛି।

# ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା



ଅତିଥିଙ୍କ ସହ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ।

ଭଦ୍ରକ,୨୬।୩(ସନାତନ ରାଉତ)

ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ଭଦ୍ରକ ଜିଲା ପ୍ରଶାସନ ଓ ସାଳନ୍ଦୀ ନର୍ସିଂ ସ୍କୁଲ ଆନୁକୂଲ୍ୟରେ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନରେ ବରିଷ୍ଠ ବିଭାଗରେ 'ଦେଶପ୍ରେମ ଓ ଛାତ୍ର ସମାଜ' ବିଷୟବସ୍ତୁ ଉପରେ ପ୍ରତିଯୋଗିତା ହୋଇଥିଲା। ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁପ୍ରିୟା ଗିରି ପ୍ରଥମ, ପିରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଭୋଳାଶଙ୍କର ପଣ୍ଡା ଦ୍ୱିତୀୟ ଓ ଉତ୍ତରବାହିନୀ କାହ୍ନୁଚରଣ ହାଇସ୍କୁଲର ଛାତ୍ର ଶୁଭମ କୁମାର ମହାରଣା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବିଭାଗରେ 'ନବଉତ୍କଳର ନିର୍ମାଣ' ବିଷୟବସ୍ତୁ ଉପରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଘଣ୍ଟେଶ୍ୱର ଅପର୍ତ୍ତିଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀ ପ୍ରଥମ, ତିହିଡ଼ି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଶର୍ମିଷ୍ଠା ଭୋଇ ଦ୍ୱିତୀୟ ଓ ଭଦ୍ରକ ଇଚ୍ଛାପୁରସ୍ଥିତ ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲର ଛାତ୍ରୀ ମନିଶା ଦାସ ତୃତୀୟ ହୋଇଛନ୍ତି। ବରିଷ୍ଠ ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀ ସୁପ୍ରିୟା ଓଡ଼ିଶା ଦିବସ ଉପଲକ୍ଷେ ରାଜ୍ୟସ୍ତରରେ ହେବାକୁ ଥିବା ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବିବେଚିତ ହୋଇଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣପ୍ରସାଦ ସାହୁ, ଆରତି ମହାନ୍ତି, ଭାଗୀରଥି ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସାଳନ୍ଦୀ ନର୍ସିଂ ସ୍କୁଲର ଚେୟାରମ୍ୟାନ ଡା. ପ୍ରଭାସ କୁମାର ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସହ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ମହିଳାଙ୍କ ୧୦୮ କଳସ ଶୋଭାଯାତ୍ରା

ତିହିଡ଼ି,୨୬।୩(ସଞ୍ଜିତ ବଳ)

ଶ୍ରୀରାମ ନବମୀ ଉପଲକ୍ଷେ ତିହିଡ଼ିସ୍ଥିତ ରାମ ମନ୍ଦିରରେ ଯଜ୍ଞ ପାଇଁ ଶ୍ରୀରାମ ନବମୀ ସମିତି ପକ୍ଷରୁ ଗୁରୁବାର ମହିଳାଙ୍କ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ନିକଟରୁ ମହିଳାମାନେ ଶୋଭାଯାତ୍ରାରେ ବାହାରି ମଙ୍ଗରାଜପୁର ଗ୍ରାମସ୍ଥିତ ହନୁମାନ ପୋଖରୀ ନିକଟରେ ପହଞ୍ଚିଥିଲେ। ସେଠାରେ କଳସ ବୁଡ଼ାଇ ଫେରିବା ପରେ କଳସ ସବୁକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଯଜ୍ଞ କର୍ତ୍ତା ଭାବେ ଯଯାତି କେଶରୀ ଦାସ କାର୍ଯ୍ୟ ତୁଲାଉଛନ୍ତି। ସମିତି ସଭାପତି କିଶୋର କୁମାର ନାୟକ, ଉପଦେଷ୍ଟା ଡ. ଲକ୍ଷ୍ମୀଧର ତ୍ରିପାଠୀ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ପି. ହୃଷୀକେଶ, ଅଜୟ ନାୟକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋନମ ନାୟକ, ସୁକାନ୍ତି ଜେନା, ସୁବାସିନୀ ବଳ, କ୍ଷୀରଲତା ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆସନ୍ତା ଶନିବାର ଶ୍ରୀରାମ ବିଜୟା ଦଶମୀ ଉପଲକ୍ଷେ ତିହିଡ଼ିରେ ଉତ୍ସବ ଓ ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରା ଅନୁଷ୍ଠିତ ହେବ।

# 'ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ ଗୟାଧର'

ଭଦ୍ରକ,୨୬।୩ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସଂସ୍କୃତି ଭବନରେ ବୁଧବାର ଉତ୍କଳଜ୍ୟୋତି ସ୍ୱାଧୀନତା ସଂଗ୍ରାମୀ ଗୟାଧର ବାରିକଙ୍କ ୧୬ତମ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସ୍ମୃତିସଭାକୁ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଓ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ଉଦ୍‌ଘାଟନ କରି କହିଥିଲେ, ଗୟାଧର ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନସାରା ସମାଜସେବା ଓ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ, ଯାହା ଚିରସ୍ମରଣୀୟ। ଗବେଷକ ଓ ସାହିତ୍ୟିକ ଡ. ଭାଗବତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ସଂସ୍କୃତ ବିଶାରଦ ଡ. ସଦାନନ୍ଦ ଦୀକ୍ଷିତ, ବିଶିଷ୍ଟ ବକ୍ତା ବରିଷ୍ଠ ସାହିତ୍ୟିକ ଡ. ବ୍ରଜମୋହନ ମିଶ୍ର, ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଉପେନ୍ଦ୍ର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଗୟାଧର ପଣ୍ଡା ମଞ୍ଚ ପରିଚାଳନା, ଅଧ୍ୟାପକ ନାସିର ବକ୍ସ ଅତିଥି ପରିଚୟ ଓ ନାଟ୍ୟଶ୍ରୀ ନିର୍ମଳ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାନ୍ଧୀ ବାଳାଶ୍ରମର କୃତୀ ଛାତ୍ର ରାମଦାସ ମାଝୀ, ପୌରପାଳିକାର ସଫେଇ କର୍ମଚାରୀ ଲିଲି ନାୟକ ଓ ଯୁବ କ୍ରିକେଟ ପ୍ରତିଭା ପୂଜାରାଣୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା।




ଉତ୍କଳଜ୍ୟୋତି ଗୟାଧର ବାରିକଙ୍କ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥି।

# 'ମୁଁ ବି ହେବି ସାମ୍ବାଦିକ' କର୍ମଶାଳା

ଭଣ୍ଡାରିପୋଖରୀ,୨୬।୩
(ରାଜେନ୍ଦ୍ର ଶତପଥୀ)



କର୍ମଶାଳାରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ ବ୍ଲକ ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପ୍ରଧାନଶିକ୍ଷକ ବିଷ୍ଣୁଚରଣ ନାୟକଙ୍କ ପୌରୋହିତ୍ୟରେ 'ମୁଁ ବି ହେବି ସାମ୍ବାଦିକ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରି ସମ୍ବାଦ ଓ ସାମ୍ବାଦିକତାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ କାର୍ତ୍ତିକ ସ୍ୱାଇଁ ଯୋଗଦେଇ ସମାଜ ପାଇଁ ସାମ୍ବାଦିକତାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଖବରଦାତା ଅନାଦି ଚରଣ ସାହୁ ଓ ଦୁର୍ଯ୍ୟୋଧନ ଲେଙ୍କା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତୀ ବାରିକ ଶ୍ଳୋକପାଠ, ଶିକ୍ଷକ ନରେନ୍ଦ୍ର ନାଏକ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ସୁଚିସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିରେନ କୁମାର ମହାନ୍ତି, ମଧୁସ୍ମିତା ନାୟକ, ବିଜୟ କୁମାର ନାୟକ, ଶିକ୍ଷା କର୍ମଚାରୀ ବନମାଳୀ ସାମଲ ଓ ଚନ୍ଦ୍ରମଣି ସାମଲ କର୍ମଶାଳା ପରିଚାଳନା କରିଥିଲେ।

# ଗୋଷ୍ଠୀ ପରିମଳ କେନ୍ଦ୍ରରେ ଝୁଲୁଛି ତାଲା

ବନ୍ତ,୨୬।୩(କିଶୋର କୁମାର ସେଠୀ)




ବନ୍ତ ବ୍ଲକଠାରୁ ପ୍ରାୟ ୩୦୦ ମିଟର ଦୂର ବନ୍ତ ବଜାରରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ର କାମରେ ଲାଗୁନି। ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ନିର୍ମିତ ଏହି ଗୋଷ୍ଠୀ ପରିମଳ କେନ୍ଦ୍ରରେ ତାଲା ଝୁଲୁଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ଲକ୍ଷାଧିକ ଟଙ୍କା ସରକାରୀ ଅନୁଦାନ ଖର୍ଚ୍ଚରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ ହୋଇଥିଲା। କିନ୍ତୁ ଏହା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।

ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ବନ୍ତ ବଜାରରେ ବ୍ଲକ ସମେତ ଥାନା, ତହସିଲ, କଲେଜ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ରହିଛି। ଦୈନିକ ବିଭିନ୍ନ ଅଞ୍ଚଳରୁ ସାଧାରଣ ଲୋକ, ଛାତ୍ରୀଛାତ୍ର ବିଭିନ୍ନ କାର୍ଯ୍ୟରେ ଏହି ବଜାର ଏବଂ ସରକାରୀ କାର୍ଯ୍ୟାଳୟକୁ ଆସିଥାନ୍ତି। ସର୍ବସାଧାରଣଙ୍କ ଶୌଚ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୨୦୨୨-୨୦୨୩ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୭ଲକ୍ଷ ବ୍ୟୟ ଅଟ୍ଟକଳରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ ହୋଇଥିଲା। ଏବେ ସେଠାରେ ତାଲା ଝୁଲୁଥିବା ଦେଖାଯାଇଛି। ତାହା ସାଧାରଣ ଲୋକଙ୍କର କୌଣସି କାମରେ ଆସୁନି। ତେବେ ଏଥିପ୍ରତି ଅଣଦେଖା କରାଯିବା ସରକାରୀ ବାବୁ, ଲୋକ ପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ବିଡିଓ ସୀତାକାନ୍ତ ରାଉତ କହିଛନ୍ତି, ଗୋଷ୍ଠୀ ପରିମଳ କେନ୍ଦ୍ରଟି ବର୍ଷେ ହେବ ବନ୍ତ ପଞ୍ଚାୟତ ସରପଞ୍ଚଙ୍କୁ ହସ୍ତାନ୍ତର କରାଯାଇଛି। କିନ୍ତୁ ପରିମଳ କେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଅପରପକ୍ଷେ ସରପଞ୍ଚ ମାନସୀ ରାଉତ କହିଛନ୍ତି, ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ମଧ୍ୟ ଅଧିକ ୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ନିର୍ମାଣ କାର୍ଯ୍ୟ ସରିବା ପରେ ବହୁ ମାସ ଧରି ବିଡିଓ ପ୍ରଥମେ ଏହି ପରିମଳ କେନ୍ଦ୍ରକୁ ନିଜ ଅଧୀନରେ ରଖିଥିଲେ। ଅଳ୍ପଦିନ ତଳେ ଉକ୍ତ ପରିମଳ କେନ୍ଦ୍ରକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ହସ୍ତାନ୍ତର ସମୟରେ ପରିମଳ କେନ୍ଦ୍ରର ବିଦ୍ୟୁତ୍ ସରୋବରାହ ବ୍ୟବସ୍ଥା ନ ଥିଲା।

# ଫେରାର ଟ୍ରାକ୍ଟର ଚାଳକ ଗିରଫ

ବାସୁଦେବପୁର,୨୬।୩(କାଳିପଦ ରାୟ)

ଦୁର୍ଘଟଣା ଘଟାଇ ଫେରାର ଥିବା ଜଣେ ଟ୍ରାକ୍ଟର ଚାଳକଙ୍କୁ ସାବରଙ୍ଗ ପୋଲିସ ବୁଧବାର ରାତିରେ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତିହିଡ଼ି ଥାନା ଅଧୀନ ସୟା ଗ୍ରାମର ମଧୁସୂଦନ ନାୟକ। ସୂଚନା ଅନୁଯାୟୀ, ଗତ ଫେବୃଆରୀ ୧୨ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁର କାହ୍ନୁ ନାୟକ ଓ ଚକ୍ରଧର ନାୟକ ଏକ ବାଇକ୍‌ରେ ବାସୁଦେବପୁରରୁ ଘରକୁ ଫେରୁଥିବା ବେଳେ ସମିଆ ଛକଠାରେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। କାହ୍ନୁଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ହୋଇଥିବା ଚକ୍ରଧର ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୫୦/୨୬) ରୁଜୁ କରିଥିଲା। ଘଟଣା ପରଠାରୁ ମଧୁସୂଦନ ଫେରାର ଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ମଧୁସୂଦନଙ୍କୁ ତାଙ୍କ ଘରୁ ଗିରଫ କରିଛି।

# ନାବାଳକଙ୍କ ଗୁଳିମାଡ଼ରେ ପୋଲିସ କର୍ମଚାରୀ ଆହତ

ବାସୁଦେବପୁର,୨୬।୩
(ନାରାୟଣ ପ୍ରସାଦ ବାରିକ୍)

## ଘଟଣା ଚପାଇ ଦେବାକୁ ଉଦ୍ୟମ ଅଭିଯୋଗ

ବାସୁଦେବପୁର ବ୍ଲକ ଶାଶୁଭୁଆଶୁଣୀ ଗ୍ରାମରେ ବୁଧବାର ଜଣେ ନାବାଳକଙ୍କ ଗୁଳିମାଡ଼ରେ ଚୁଡ଼ାମଣି ସାମୁଦ୍ରିକ ଥାନାର ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେ ହେଲେ ଚୁଡ଼ାମଣି ଗ୍ରାମର ମାନସ ସେଠୀ। ଗୁଳି ଫୁଟାଇଥିବା ନାବାଳକ ଜଣେ ପୋଲିସ ଅଧିକାରୀଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଶାଶୁଭୁଆଶୁଣୀ ଗ୍ରାମର ଜଣେ ବ୍ୟକ୍ତିଙ୍କର ରୁଦ୍ରାଭିଷେକ ନିକଟସ୍ଥ ଏକ ଶିବ ମନ୍ଦିରରେ ଚାଲିଥିଲା। ସେହି ସମୟରେ ଉକ୍ତ ପରିବାରର ଜଣେ ପୋଲିସ ଅଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅସାବଧାନତାବଶତଃ ନାବାଳକ ଜଣକ ବନ୍ଧୁକର ଟ୍ରିଗର ଟିପିବା ଫଳରେ ଗୁଳି ବନ୍ଧୁକରୁ ବାହାରି ଭୋଜି ଖାଇବାକୁ ଆସିଥିବା ମାନସଙ୍କ ହାତରେ ବାଜିଥିଲା। ମାନସଙ୍କୁ ବାସୁଦେବପୁର ଡାକ୍ତରଖାନା ନିଆଯାଇ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଛି। ଏହି ଗୁଳିକାଣ୍ଡ ସମ୍ପର୍କରେ ଆହତ ମାନସ କୌଣସି ଲିଖିତ ଅଭିଯୋଗ କରି ନ ଥିବାରୁ ଥାନାରେ ମାମଲା ରୁଜୁ ହୋଇନାହିଁ। ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଚୁଡ଼ାମଣି ସାମୁଦ୍ରିକ ଥାନା ଆଇଆଇସି ବନାନୀ ବେହେରା କହିଛନ୍ତି। ତେବେ ଗୁଳି ଫୁଟାଇଥିବା ନାବାଳକ ଜଣେ ପୋଲିସ ଅଧିକାରୀଙ୍କ ସମ୍ପର୍କୀୟ ଓ ଆହତ ମାନସ ଜଣେ ପୋଲିସ ହୋଇଥିବାରୁ ଘଟଣାକୁ ଚପାଇ ଦେବାକୁ ପୋଲିସ ବିଭିନ୍ନ ଆଳ ଦେଖାଉଥିବା ସାଧାରଣରେ ଅଭିଯୋଗ ହେଉଛି। ନାବାଳକ ଜଣକ ଉକ୍ତ ପୋଲିସ ଅଧିକାରୀଙ୍କ ବନ୍ଧୁକ ଆଣି ଅସାବଧାନତାବଶତଃ ଟ୍ରିଗର ଦବାଇ ଦେବାରୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଘଟଣାର ଅଧିକ ତଦନ୍ତ କରାଯିବାକୁ ଦାବି ହୋଇଛି।

# ସ୍ୱାସ୍ଥ୍ୟ, ଚକ୍ଷୁ ଚିକିତ୍ସା ଶିବିର

ଭଦ୍ରକ, ୨୬।୩(ରବିନାରାୟଣ ଖିଲାର)

ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅବସରରେ ଭଦ୍ରକ ଜିଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ବୁଧବାର ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ଟ୍ରକ୍ ମାଲିକ ସଂଘର ସଭାପତି ଅମିୟ କୁମାର ରାଉତ, ଏମ୍‌ଭିଆଇ ବାମଦେବ ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ସେକ୍ ରହିମଙ୍କ ସହ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ, ଗାଡ଼ି ମାଲିକ ଓ ଚାଳକମାନେ ଉପସ୍ଥିତ ରହି ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ଶିବିରରେ ୮୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୦ଜଣଙ୍କୁ ଚଷମା ଦିଆଯାଇଥିଲା।

# ଆରମ୍ଭ ହେଲା ସୟା ନଈ ସଂସ୍କାର କାର୍ଯ୍ୟ

## ତୁଟିଲା ୪୦ ବର୍ଷର ବିବାଦ

ତିହିଡ଼ି,୨୬।୩(ସଞ୍ଜିତ ବଳ)




ସୟା ଠାକୁର ନଈର ସଂସ୍କାର କାର୍ଯ୍ୟ ଚାଲିଛି।

ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତସ୍ଥିତ ସୟା ଠାକୁର ନଈକୁ ନେଇ ଉପୁଜିଥିବା ଦୀର୍ଘ ୪୦ବର୍ଷର ବିବାଦ ଏବେ ତୁଟିଛି। ଫଳରେ ସାଳନ୍ଦୀର ଶାଖା ସୟା ଠାକୁର ନଈ ସଂସ୍କାର କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ପରେ ନଦୀର ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ସାଳନ୍ଦୀ ଜଳସେଚନ ବିଭାଗ ଅଧୀନରେ ନଦୀର ସଂସ୍କାର ଓ ପ୍ରାଚୀର ନିର୍ମାଣରେ ୯୪ ଲକ୍ଷ ଟଙ୍କା ବିନିଯୋଗ ହେବ ବୋଲି ଜଣାଯାଇଛି।

ସାଳନ୍ଦୀ ନଦୀରୁ ବାହାରିଥିବା ଏହି ନଦୀ ସୟା ଗ୍ରାମ ଦେଇ ବାଲିଚନ୍ଦ୍ରରୀ ଓ ଡିଆଁସାହି ଗ୍ରାମରେ ପହଞ୍ଚିଛି। ତେବେ ନଦୀ ପୋତି ହୋଇଯାଇଥିବା ବେଳେ କେତେଜଣ ଲୋକ ନଦୀ ପାର୍ଶ୍ୱ ଜାଗାକୁ ଜବରଦଖଲ କରିଥିଲେ। ସରକାରୀ ପାଣ୍ଠି ସହାୟତାରେ ଏହି ନଦୀର ସଂସ୍କାର ପାଇଁ ବାଲିଚନ୍ଦ୍ରରୀ ଗ୍ରାମର ଅଧିବାସୀ ଉଦ୍ୟମ କରି ବିଫଳ ହୋଇଥିଲେ। ସୟା ଗ୍ରାମର ଜଣେ ବ୍ୟକ୍ତି ଏହାକୁ ବିରୋଧ କରିବାରୁ ଏପରି ପରିସ୍ଥିତି ଉପୁଜିଥିଲା। ନଦୀ ପାର୍ଶ୍ୱକୁ ତାଙ୍କର ବ୍ୟକ୍ତିଗତ ଜମା ଥିବା ଦର୍ଶାଇ ସେହି ବ୍ୟକ୍ତି ନଦୀ ସଂସ୍କାରକୁ ବିରୋଧ କରିଥିଲେ। ଫଳରେ ୪୦ ବର୍ଷ ଧରି ବାଲିଚନ୍ଦ୍ରରୀ ଗ୍ରାମର ଅଧିବାସୀ ନଦୀରୁ ଉପକୃତ ହୋଇପାରି ନ ଥିଲେ। ଗ୍ରାମବାସୀ ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ମଧ୍ୟ ସୁଫଳ ପାଇ ନ ଥିଲେ। ନଈର ସଂସ୍କାର ଓ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ନିକଟରେ ୯୪ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ପରେ ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀ, ବାଲିଚନ୍ଦ୍ରରୀ ଗ୍ରାମ କମିଟି ସଭାପତି ଭରତ ଚନ୍ଦ୍ର ମଲିକ, ଉମାକାନ୍ତ ମଲିକ, ବଳରାମ ଦାସ, ସୁବାସ ଚନ୍ଦ୍ର ମଲିକ, ସୌମ୍ୟଗୋପାଳ ନାୟକ, ଲକ୍ଷ୍ମୀଧର ସାହୁ, ନିରାକାର ମଲିକ, ଅକ୍ରୁର ମଲିକ ପ୍ରମୁଖଙ୍କ ଉଦ୍ୟମରେ ନଦୀ ପାର୍ଶ୍ୱ ବିବାଦୀୟ ଜମିର ସରକାରୀ ମାପଚୁପ କରାଯାଇଥିଲା। ଫଳରେ ସୟାଠାରୁ ନଈର ସଂସ୍କାର କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟ ଆରମ୍ଭ ବେଳେ ଗଣ୍ଡଗୋଳ ଆଶଙ୍କା ଥିବାରୁ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବାଲିଚନ୍ଦ୍ରରୀ ଗ୍ରାମର ଅଧିବାସୀମାନେ ସେଠାରେ ଉପସ୍ଥିତ ରହି ସଂସ୍କାର କାର୍ଯ୍ୟରେ ସହାୟତା କରିଥିଲେ।

**ସଂକ୍ଷେପରେ**

## ବାଘଡ଼ାରୋଡ୍‌ରେ ବାସନ୍ତିକ ଦୁର୍ଗାପୂଜା

ବାରିପଦା,୨୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ବାଘଡାରୋଡ୍‌ରେ ବାସନ୍ତିକ ଦୁର୍ଗା ପୂଜା ଆରମ୍ଭ ହୋଇଛି। ବୁଧବାର ମା'ଙ୍କ ପୂଜା ଅବସରରେ ଅମ୍ବିକା ମନ୍ଦିର ନିକଟସ୍ଥ ଚିପଟ ନଦୀରୁ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଖାପାଖି ୫୦ଟି ଘଟ ସହିତ ଭକ୍ତମାନେ ଶୋଭାଯାତ୍ରାରେ ସହର ମଧ୍ୟ ଦେଇ ପୂଜା ମଣ୍ଡପରେ ପହଞ୍ଚିଥିଲେ। ନବମୀ ଦିନ ଅନୁଷ୍ଠାନ ପକ୍ଷରୁ ବିଶାଳ ଅନ୍ନ ପ୍ରସାଦ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ସହ ମା'ଙ୍କ ପୂଜାବିଧି କାର୍ଯ୍ୟକ୍ରମରେ ଯୋଗଦେଇ ମା' ଆଶୀର୍ବାଦ ଲାଭ କରିବା ପାଇଁ କମିଟି ତରଫରୁ ଅନୁରୋଧ କରାଯାଇଛି।

## ମହାଷ୍ଟମୀ ପୂଜା

ବାରିପଦା,୨୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ସହରର ବିଭିନ୍ନ ପୂଜାମଣ୍ଡପରେ ମା' ବାସନ୍ତୀଙ୍କ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ଅଶୋକାଷ୍ଟମୀ ଅବସରରେ ଶ୍ରଦ୍ଧାଳୁମାନେ ବେଶ ଆନନ୍ଦ ଉଲ୍ଲାସର ସହ ପୂଜା ମଣ୍ଡପକୁ ଆସି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ବାରିପଦା ସହରରେ ସର୍ବପ୍ରଥମେ ୧୯୫୩ ରେ ଶୁନଗଡ଼ିଆ ମଣ୍ଡପରେ ମା' ବାସନ୍ତୀଙ୍କ ସାର୍ବଜନୀନ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହା ୭୩ ବର୍ଷରେ ପଦାର୍ପଣ କରିଛି। ସେହିଦିନଠାରୁ ପ୍ରତିବର୍ଷ ରୀତିନୀତି ଅନୁଯାୟୀ ଏହି ମଣ୍ଡପରେ ପୂଜା ହୋଇଆସୁଛି। ଏହା ସହିତ ବାଘଡ଼ାରୋଡ୍ ଓ ପାଲବଣି ଅଞ୍ଚଳରେ ଥିବା ମଣ୍ଡପଗୁଡ଼ିକରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଛି। ଶୁକ୍ରବାର ମଣ୍ଡପଗୁଡ଼ିକରେ ରାମ ନବମୀ ପୂଜା ହେବ ବୋଲି କମିଟି ସୂଚନା ଦେଇଛି।

## ଉପଜିଲାପାଳଙ୍କ ବଦଳି ବାତିଲ ଦାବି

ବାରିପଦା,୨୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ସଦର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କ ବଦଳି ଆଦେଶନାମାକୁ ନେଇ ସେବାୟତ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାର ମଠ ମନ୍ଦିରକୁ ସୂଚାରୁ ରୂପେ ପରିଚାଳନା କରୁଥିବା ଅଧିକାରୀଙ୍କ ଅଚାନକ ବଦଳିକୁ ନେଇ ଜିଲାବ୍ୟାପୀ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ରଥଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡାଙ୍କ ବଦଳିକୁ ବାତିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସୟଙ୍କ ଜରିଆରେ ସେବାୟତମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ବଦଳିକୁ ରୋକିବା ପାଇଁ ସେବାୟତଙ୍କ ପକ୍ଷରୁ ଅଭିନବ ଉପାୟରେ ପ୍ରଭୁ ଜଗନ୍ନାଥ ମନ୍ଦିରରେ ଦୀପ ଜଳା ଯାଇଥିବା ଦେଖିବାକୁ ମିଳିଥିଲା।

## ଚକ୍ଷୁ ପରୀକ୍ଷା ଶିବିର

ଉଦଳା,୨୬।୩(ସନ୍ତୋଷ କୁମାର ବାଛିନୀ)- ମୌନଧ୍ୱନି ଫାଉଣ୍ଡେସନ ଏବଂ ଆଇକା ପକ୍ଷରୁ ଗୁରୁବାର ଏକ ମେଗା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଉଦଳା ବ୍ଲକ ଅଧୀନ ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସରରେ ଆୟୋଜିତ ଏହି ମାଗଣା ଆଖି ପରୀକ୍ଷା ଶିବିରରେ ସୁନାପାଳ, ଅଦାପାଳ, ଚୁଲିଆପୋଷି, ବାବନଗଡ ସମେତ ପାଖାପାଖି ୧୦ଟି ଗ୍ରାମର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆଖି ପରୀକ୍ଷା କରାଇଥିଲେ। ଉଦଳା, ଖୁଣ୍ଟା ଏବଂ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ଗ୍ରାମ ଯଥା ଭଣ୍ଡଗାଁ, ଭୋଲାଗଡ଼ିଆ ଏବଂ ଧନାପନାରେ ତିନି ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ପ୍ରଦ୍ୟୁମ୍ନ ଦଳାଇ, ଅଶୋକ କୁମାର ପତି, ଆକାଶ କୁମାର ମହାନ୍ତ, ଚମ୍ପାବତୀ ହାଁସଦା, ସୀତା ମୁର୍ମୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ୫ ଶିକାରୀଙ୍କୁ କୋର୍ଟ ଚାଲାଣ

### କଳାବାଘ ଚମଡ଼ା ଜବତ ଘଟଣା

ବାରିପଦା,୨୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)-ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରୁ ଶିକାର ହୋଇଥିବା କଳାବାଘ ଚମଡା ଜବତ ଘଟଣାରେ ଅଟକ ଥିବା ୫ ଶିକାରୀଙ୍କୁ ବୁଧବାର ବନ ବିଭାଗ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଧୀନ ଅମ୍ବିକାଦେଈପୁର ଗ୍ରାମର ବୁଧିରାମ ସିଂ, ହାତୀକୁଟ ଗ୍ରାମର ପ୍ରକାଶ ବିଶ୍ୱାଳ, କାଶୀକପଦାଳ ଗ୍ରାମର ପୂର୍ଣ୍ଣ ନାଏକ, କାନ୍ଥାଭଙ୍ଗା ଓ ସଞ୍ଜୟ ନାଏକ। ଏହି ୫ଜଣ ବାଘ ଶିକାର ଓ ଶିକାରୀଙ୍କୁ ସହଯୋଗ କରିଥିଲେ। ଘଟଣାରେ ଜଡ଼ିତ ଆଉ ୨ ଜଣ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି।

# ଖାଲି ପଦବୀ ପୂରଣ ନ ହେଲେ ଆନ୍ଦୋଳନ

**ବାରିପଦା,୨୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ):**

ଏଆଇଡିଏସ୍‌ଓ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ କ୍ରମେ ଗୁରୁବାର ସାରା ଓଡ଼ିଶାରେ ଦାବି ଦିବସ ପାଳନ ହୋଇଛି। ଏହି ଅବସରରେ ମୟୂରଭଞ୍ଜ ଜିଲା କମିଟି ପକ୍ଷରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଦାବି ଦିବସ ପାଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର କୁଳପତିଙ୍କ ମେଲ୍ ଜରିଆରେ ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଉଚ୍ଚଶିକ୍ଷା ବ୍ୟବସ୍ଥାରେ ବର୍ତ୍ତମାନ ରାଜ୍ୟର ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଏକ ପ୍ରକାର ନିଷ୍କ୍ରିୟ ଅବସ୍ଥାରେ ରହିଛି। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କହିବାନୁଯାୟୀ ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀ ପ୍ରାପ୍ତ ୨୦୭୯ ଅଧ୍ୟାପକ ପଦବୀରୁ ୧୪୩୪ ପଦ ଖାଲି ପଡ଼ିଛି। ସହିପରି ୨୯୪୦ ମଞ୍ଜୁରୀ ପ୍ରାପ୍ତ ଶିକ୍ଷା କର୍ମଚାରୀ ରହିବା ସ୍ଥାନରେ ୨୧୭୧ ପଦବୀ ଖାଲି




ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ କାର୍ଯ୍ୟକର୍ତ୍ତାମାନେ ଦାବି ଉପସ୍ଥାପନ କରୁଛନ୍ତି।

ପଡ଼ିଛି। ଅଧିକାଂଶ ସ୍ଥାନରେ କୁଳପତି ପଦବୀ ଫାଙ୍କା ପଡ଼ିଛି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକ କିପରି ଚାଲିଛି। କୁଳପତି ପରି ସର୍ବୋଚ୍ଚ ପଦବୀ ଖାଲି ପଡ଼ିଥିବାରୁ ପ୍ରଶାସନିକ ତଥା ଶୈକ୍ଷିକ ନିଷ୍ପତ୍ତି ଗ୍ରହଣରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅଧ୍ୟାପକ, ପ୍ରଫେସର ଅଭାବରୁ ନିୟମିତ କ୍ଲାସ ହୋଇ ପାରୁନାହିଁ, ଯାହା ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ସ୍ଥାୟୀ ପ୍ରଫେସର ଅଭାବରୁ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଆବଶ୍ୟକୀୟ କର୍ମଚାରୀ ନ ଥିବାରୁ ବିଶ୍ୱବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ଅହେତୁକ ବିଳମ୍ବ ଘଟୁଛି। ତେଣୁ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଅଚଳାବସ୍ଥା ଦୂର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସାରା ରାଜ୍ୟରେ ଦୁର୍ବାର ଛାତ୍ର ଆନ୍ଦୋଳନ ଗଡ଼ିଉଠିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମର ଏଆଇଡିଏସ୍‌ଓର ମୟୂରଭଞ୍ଜ ଜିଲା ସମ୍ପାଦକ ଫୁଲଚାନ୍ଦ ଲୋହାର୍, ଜିଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲା କମିଟି ସଦସ୍ୟ ବାପୁନ ବାନରା ଉପସ୍ଥିତ ଥିଲେ। ପିଙ୍କୁ ମହାନ୍ତ, ବିଶିକେଶନ ଜାଲ ଏବଂ ସଂଗଠନର ପୂର୍ବତନ ଜିଲା କମିଟି ସଦସ୍ୟ ସାଧୁ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ।

# ମୟୂରଭଞ୍ଜ ଜିଲାକୁ ପ୍ରଥମ ପୁରସ୍କାର

**ବାରିପଦା,୨୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ):**

**ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ**

ମୟୂରଭଞ୍ଜ ଜିଲା ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ 'ନି-କ୍ଷୟ ପୋଷଣ ଯୋଜନା (ଏନପିୱାଇ) ଏବଂ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମରେ ଅସାଧାରଣ ପ୍ରଦର୍ଶନ ପାଇଁ ରାଜ୍ୟର ସମସ୍ତ ଜିଲା ମଧ୍ୟରେ ମୟୂରଭଞ୍ଜ ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟ ଯକ୍ଷ୍ମା ବିଭାଗ ପକ୍ଷରୁ ଯକ୍ଷ୍ମା ଦିବସରେ ଭୁବନେଶ୍ୱରରେ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଜିଲା ଯକ୍ଷ୍ମା ଅଧିକାରୀ ଡା. ନୁରୁଲ ହସ୍ସନ ଓ ଜିଲା କାର୍ଯ୍ୟକ୍ରମ ସଂଯୋଜକ ଦୀନକୃଷ୍ଣ ବାରିକ ଉପସ୍ଥିତ ରହି ଜିଲା ପାଇଁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ସହାୟତା ଏବଂ ରୋଗୀ ସମର୍ଥନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବାରେ ଜିଲା ପ୍ରଶାସନର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ କରୁଛି। ନି-କ୍ଷୟ ପୋଷଣ ଯୋଜନା ଅନ୍ତର୍ଗତ ଯକ୍ଷ୍ମା ରୋଗୀଙ୍କୁ ମାସିକ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯେପରି ସେମାନେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଗ୍ରହଣ କରି ଶୀଘ୍ର ଆରୋଗ୍ୟ ଲାଭ କରିପାରିବେ। ସେହିପରି ନି-କ୍ଷୟ ମିତ୍ର କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ୟକ୍ତି ବିଶେଷ ଓ ସଂସ୍ଥାଗୁଡ଼ିକ ଯକ୍ଷ୍ମା ରୋଗୀଙ୍କୁ ଗ୍ରହଣ କରି ସେମାନଙ୍କର ଚିକିତ୍ସା ଓ ପୁନର୍ବାସରେ ସହାୟତା କରୁଛନ୍ତି। ଜିଲାପାଳ ହେମକାନ୍ତ ସୟ ଏହି ସଫଳତାକୁ ଜିଲାର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ନି-କ୍ଷୟ ମିତ୍ର ଏବଂ ସମ୍ପୃକ୍ତ ବିଭାଗର ଅକ୍ଳାନ୍ତ ପରିଶ୍ରମର ଫଳ ବୋଲି କହିଛନ୍ତି।

# ଡାକ୍ତରଖାନା ପରିସରରେ ଜେଏମ୍‌ଏମ୍‌ର ଧାରଣା ଜାରି



ଧାରଣାରେ ବସିଥିବା ଜେଏମ୍‌ଏମ୍ କାର୍ଯ୍ୟକର୍ତ୍ତାମାନେ।

**ମୋରଡ଼ା,୨୬।୩(ସ୍ମାରକ ମାଜୀ):**

୨ ଦଫା ଦାବି ନେଇ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବାରମାଇଲସ୍ଥିତ କିଶାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍) ତରଫରୁ ଗତ ୧୭ ତାରିଖରୁ ଧାରଣା ଜାରି ରହିଛି। ଜେଏମ୍‌ଏମ୍ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସୁଛନ୍ତି। ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେଶିନ ସ୍ଥାପନ ଏବଂ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବାକୁ ସଭାପତି ଦାସ ଦାବି କରିଛନ୍ତି। ତେବେ ପୂର୍ବରୁ ଧାରଣାସ୍ଥଳରେ ଜିଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ପହଞ୍ଚି ଥିଲେ ମଧ୍ୟ ଆଲୋଚନା ବିଫଳ ହୋଇଥିଲା। ୧୦ ଦିନ ହେଲା ଧାରଣା ଚାଲିଥିଲେ ମଧ୍ୟ ପ୍ରଶାସନ ନ ଜାଣିବା ପରି ନଜାଣି ଚୁପ ବସିଛି। ଫଳରେ ଧୀରେ ଧୀରେ ଜନ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତି ଥିବା ବର୍ତ୍ତମାନର ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଲୋକଙ୍କ ସମସ୍ୟା ନ ବୁଝି ଉତ୍ସବ ମନାଇବାରେ ବ୍ୟସ୍ତ କହିଛନ୍ତି ବୋଲି ଜେଏମ୍‌ଏମ୍ ଜିଲା ସଭାପତି ଦାସ କହିଛନ୍ତି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜେଏମ୍‌ଏମ୍ ଚେତାବନୀ ଦେଇଛି।

**ଉତ୍ସବ ମନାଇବାରେ ବ୍ୟସ୍ତ ମୋରଡ଼ା ବିଧାୟକ : କୃଷ୍ଣ ଦାସ**

# ଥାନା କର୍ମଚାରୀଙ୍କ ତଥ୍ୟରେ ରହୁନି ତାଳମେଳ

**ମୋରଡ଼ା,୨୬।୩(ସ୍ମାରକ ମାଜୀ)–**

**କାଠ ବୋଝେଇ ଟ୍ରକ୍ ଜବତ ଘଟଣା**

ଏକ କାଠ ବୋଝେଇ ଟ୍ରକ୍ ଜବତକୁ ନେଇ ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଏବେ ଚର୍ଚ୍ଚାର ପରିସରକୁ ଆସିଛି। ଉକ୍ତ ଥାନାର ଦୁଇଜଣ କର୍ମଚାରୀଙ୍କ ତଥ୍ୟ ଓ ମତାମତରେ ତାଳମେଳ ରହୁ ନ ଥିବା ଜଣାପଡିଛି। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଗତ ସୋମବାର ରାତିରେ ପଶ୍ଚିମବଙ୍ଗ ସୀମାନ୍ତ ଚୁକପଳାସିଆ ନିକଟରେ ଯାଞ୍ଚ ଚାଲିଥିବା ସମୟରେ ଏକ କାଠ ବୋଝେଇ ଟ୍ରକ୍‌କୁ ଏଏସ୍‌ଆଇ ମୀନକେତନ ପ୍ରଧାନ ସନ୍ଦେହରେ ଅଟକାଇ ଥାନାକୁ ଆଣିଥିଲେ। ଜବତ ସମୟରେ ଟ୍ରକରେ ଥିବା କାଠର କୌଣସି କାଗଜ ପତ୍ର ନ ଥିବା କଥା ମଧ୍ୟ କହିଥିଲେ ଏଏସ୍‌ଆଇ ପ୍ରଧାନ। ତେବେ ଥାନା ଏଏସ୍‌ଆଇ ନିବେଦିତା ନାଏକଙ୍କୁ ପଚାରିବାରୁ ଜବତ ସମୟରେ କାଗଜ ପତ୍ର ଅଛି ଏବଂ ଟ୍ରକ୍‌ରେ ଥିବା କାଠଗୁଡ଼ିକ ବେଆଇନ କି ନୁହେଁ ତାହା ଯାଞ୍ଚ ପାଇଁ ପୋଲିସ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କୁ ଏକ ଚିଠି ଲେଖିଛି ବୋଲି କହିଥିଲେ। ବନ ବିଭାଗ କାଠ କାଗଜ ପତ୍ର ଯାଞ୍ଚ କରିବା ପରେ ଟ୍ରକ୍‌କୁ ପୋଲିସ ଛାଡିଥିଲା। ତେବେ ପ୍ରଶ୍ନ ଉଠୁଛି ଟ୍ରକ୍‌ଟି ଜବତ ସମୟରେ ଡ୍ୟୁଟିରେ ଥିବା ଏଏସ୍‌ଆଇ ପ୍ରଧାନଙ୍କ ମତ ଏବଂ ଥାନାକୁ ଆଣିବା ପରେ ଏସ୍‌ଆଇ ନାଏକଙ୍କ ମତରେ ତାଳମେଳ ରହୁନାହିଁ। ଯାହାକୁ ନେଇ ଅଞ୍ଚଳରେ ଆଲୋଚନା ଚାଲିଛି।

## ବିରୋଧ ପରେ ବଦଳିଲା ନିର୍ଦ୍ଦେଶନାମା

ବାରିପଦା,୨୬।୩(ନୀଳାଦ୍ରିବିହାରୀଦଣ୍ଡପାଟ) ଶ୍ରୀରାମ ନବମୀ ମହୋତ୍ସବ ସମିତି, ମୟୂରଭଞ୍ଜ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ମଧୁବନରେ ରାମନବମୀ ଉତ୍ସବ ପାଳନ ହେବ। ଏହି ଅବସରରେ ଆୟୋଜିତ ଶୋଭାଯାତ୍ରା ସୁପରିଚାଳନା ପାଇଁ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସହରର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଏନ୍‌ସିସି ସ୍ୱେଚ୍ଛାସେବୀ, ସ୍କାଉଟ୍ସ ଓ ଗାଇଡ୍ସ ଏବଂ ବ୍ୟାଣ୍ଡ ପାର୍ଟି ଡେପୁଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲା ଶିକ୍ଷା ଅଧିକାରୀଙ୍କ ପତ୍ର ନମ୍ବର ୩୪୫୭ ତାରିଖ ୨୪।୩।୨୦୨୬ରେ ସହରର ଏମ୍‌କେସି ସରକାରୀ ହାଇସ୍କୁଲ, ଏମ୍‌ପିକେ ସରକାରୀ ବାଳିକା ହାଇସ୍କୁଲ, ଭଞ୍ଜପୁର ସରକାରୀ ବାଳିକା ହାଇସ୍କୁଲ, ଭଞ୍ଜପୁର ସରକାରୀ ହାଇସ୍କୁଲ, ପୋଲିସ ସରକାରୀ ହାଇସ୍କୁଲ, ଶ୍ରୀପଦଗଞ୍ଜ ସରକାରୀ ହାଇସ୍କୁଲ, ରାଖାଲଗୋପ ସରକାରୀ ହାଇସ୍କୁଲ, କମଳା ନେହେରୁ ବାଳିକା ହାଇସ୍କୁଲ ସମେତ ଅନ୍ୟାନ୍ୟ ବିଦ୍ୟାଳୟରୁ ଯଥାକ୍ରମେ ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରଛାତ୍ରୀ ବ୍ୟାଣ୍ଡ ପାର୍ଟି ସହ ଯୋଗଦେବାକୁ ସମ୍ପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ରାମନବମୀ ଦିନ ଅପରାହ୍ନ ୩ଟା ସୁଦ୍ଧା ଏନ୍‌ସିସି ସ୍ୱେଚ୍ଛାସେବୀ, ସ୍କାଉଟ୍ସ ଓ ଗାଇଡ୍ସ ଏବଂ ବ୍ୟାଣ୍ଡ ପାର୍ଟିକୁ ମଧୁବନ ସ୍ଥାନରେ ଉପସ୍ଥିତ କରାଯିବା ପାଇଁ କୁହାଯାଇଥିଲା। ତେବେ ନିର୍ଦ୍ଦେଶ ଚିଠି ମିଳିବା ପରେ ବିଭିନ୍ନ ମହଲ ତଥା ଅଭିଭାବକମାନେ ବିରୋଧ କରିଥିଲେ। ଶୋଭାଯାତ୍ରାରେ ବ୍ୟାଣ୍ଡ ପାର୍ଟିକୁ ବାଦ୍ ଦେଇ କେବଳ ସ୍ୱେଚ୍ଛାସେବୀ ସେବା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ପୁଣି ଏକ ପରିବର୍ତ୍ତିତ ଚିଠି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ସୂଚନା ମିଳିଛି।

# ପୋଲିସ,ଦମକଳ ବାହିନୀ ନାକେଦମ୍

**ଟେଲିଫୋନ ଟାୱାର ଉପରେ ଯୁବକ**

**ମୋରଡ଼ା,୨୬।୩(ସ୍ମାରକ ମାଜୀ)–**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ମାନସିକ ବିକୃତ ଯୁବକଙ୍କ ପାଇଁ ପୋଲିସ ଓ ଦମକଳ ବାହିନୀକୁ ନାକେଦମ ହେବାକୁ ପଡ଼ିଛି। ସୂଚନା ଅନୁଯାୟୀ, ଚିତ୍ରଡ଼ା ବଜାର ନିକଟରେ ଥିବା ଏକ ଟେଲିଫୋନ ଟାୱାର ଉପରେ ଗୁରୁବାର ସକାଳ ୭ଟା ସମୟରେ ସୋନୁ ମହାନ୍ତ ନାମକ ଜଣେ ଯୁବକ ଚଢ଼ିଯାଇଥିଲେ। ଟାୱାରଟି ୧୫୦ ଫୁଟ ଉଚ୍ଚ ଥିବାବେଳେ



ସେ ଶୀର୍ଷକୁ ଚଢ଼ିଯାଇଥିଲେ। ଖବରପାଇ ଚିତ୍ରଡ଼ା ଦମକଳ ବାହିନୀ କର୍ମଚାରୀ ଏବଂ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାରକରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ଯୁବକ ଜଣକ ନିଜେ ଟାୱାରରୁ ଓହ୍ଲାଇ ଆସିଥିବା ଦେଖିବାକୁ ମିଳିଥିଲା।

# ରାଇରଙ୍ଗପୁରରେ ବାସନ୍ତିକ ଦୁର୍ଗାପୂଜା



ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତି।

**ରାଇରଙ୍ଗପୁର,୨୬।୩ (ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ବାସନ୍ତୀ ମଣ୍ଡପରେ ଗୁରୁବାର ମା' ବାସନ୍ତୀଙ୍କ ନିକଟରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଏବଂ ବ୍ରତଧାରୀ ମହିଳାମାନେ ଆସି ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା। ପୂଜା ମଣ୍ଡପରେ ମା' ବାସନ୍ତୀଙ୍କ ମୃଣ୍ମୟ ପ୍ରତିମା ସହ ଆକର୍ଷଣୀୟ ରଙ୍ଗ ବେରଙ୍ଗର ଆଲୋକ ସାଜସଜ୍ଜା କରାଯାଇଛି। ପୂଜା କମିଟି ସଭାପତି ନିରଞ୍ଜନ ଗୁଆଲ, ଉପସଭାପତି ସୁଶିଲ କୁମାର ମହାନ୍ତି,ସମ୍ପାଦକ ଦୀପକ କୁମାର ପଟ୍ଟନାୟକ, ସଦସ୍ୟ ଅମନ ମହାନ୍ତି, ଅଭିଜ୍ଞାନ ମହାନ୍ତି, ଅମନ ମହାନ୍ତି, ଅନୁଭବ ପଟ୍ଟନାୟକ, ଉଜ୍ଜଳ ମହାନ୍ତି, ଅଙ୍କିତ ପଟ୍ଟନାୟକ, ସଚେଫାନ ମହାନ୍ତି, ଜୟନ୍ତ ମହାନ୍ତ ଏବଂ ଗତିକୃଷ୍ଣ ମହାନ୍ତ ପ୍ରମୁଖ ସମସ୍ତ ସଦସ୍ୟ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

## ଘରେ ପଶି ଟଙ୍କା,ସୁନା ଚୋରି

ଝାରପୋଖରିଆ,୨୬।୩ (ସୁଧୀର କୁମାର ମହାନ୍ତ): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଝାରପୋଖରିଆ ମୁଖ୍ୟ ବଜାର ନିକଟ ଟିଭିଏସ ଗଳିରେ ଥିବା ଲକ୍ଷ୍ମୀ ନାରାୟଣ ବସ୍ତ୍ର ମାଲିକ ଲଳିତ କୁମାର ସାହୁଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ରାତ୍ରିଭୋଜନ ପରେ ଲଳିତ ଓ ତାଙ୍କ ପରିବାର ଲୋକେ ଶୋଇ ପଡିଥିଲେ। ଗୁରୁବାର ସକାଳୁ ଉଠି ଆଲମିରାରେ ଥିବା ନଗଦ ୧୫ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର

**ଝାରପୋଖରିଆ,୨୬।୩ (ସୁଧୀର କୁମାର ମହାନ୍ତ):**

ମୟୂରଭଞ୍ଜ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସାରସକଣା ତହସିଲଦାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାରସକଣା ବ୍ଲକରେ ଆଗାମୀ ୨୦୨୭ ରେ ହେବାକୁ ଥିବା ଜନଗଣନା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ଗୋଲାପମଣି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ବୁଧବାର ସମାପନ ହୋଇଛି। ଏଥିରେ ଜନଗଣନାକାରୀ ଭାବେ ସାରସକଣା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜନଗଣନା ତାଲିମ ଓ ନିୟମ କାନୁନ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଏଥିମଧ୍ୟରେ ୮୦ ଜଣ ପ୍ରଶିକ୍ଷଣାର୍ଥି ଥିବାବେଳେ ୨୦ ଜଣ ସୁପରଭାଇଜର ରହିଛନ୍ତି। ଶିବିରରେ ପ୍ରଶିକ୍ଷକ ଭାବେ ଡ. ରାମ କିଶନ ହରିଜନ,ଶରତ କୁମାର ପଢିଆରି,ଜଗନ୍ନାଥ ମାଝୀ ଓ ଶ୍ରଦ୍ଧା ରଞ୍ଜନ ସାହୁ ଯୋଗଦେଇ ତାଲିମଧାରୀଙ୍କୁ ପ୍ରଶିକ୍ଷଣ କରିଥିଲେ। ସାରସକଣା ତହସିଲ ପକ୍ଷରୁ ଆଇ.ଟି ବିଭାଗର ଶୁଭ୍ରଧେନ୍ଦୁ ସାହୁ ଓ ରବୀନ୍ଦ୍ର ସାହୁ ଓ ତହସିଲ ବରିଷ୍ଠ କିରାଣୀ ଜନ୍ମେଜୟ ବଳ ପ୍ରଶିକ୍ଷଣ ଶିବିରରେ ନିରୀକ୍ଷକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ।

## ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବୈଶିଙ୍ଗା,୨୬।୩(ରତନ ଦାଶ)–**

ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ରେଡକ୍ରସ ଓ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ଗ୍ରୀଷ୍ମ ପ୍ରବାହ (ଅଂଶୁଘାତ) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣରେ ଏପରି ସଚେତନତା ମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଛାତ୍ରୀଛାତ୍ରମାନଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ପରିବେଶବିତ ପ୍ରଭାତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରୀଷ୍ମ ପ୍ରବାହର କାରଣ, ପ୍ରଭାବ ଓ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ ଓ ସୁବାଷ ଚନ୍ଦ୍ର ମହାପାତ୍ର ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ୩ ମାସ ପ୍ରବଳ ଗ୍ରୀଷ୍ମପ୍ରବାହର ସମ୍ଭାବନା ଥିବା ଯୋଗୁ ସଚେତନ ଓ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ। ରେଡକ୍ରସ ଅଧିକାରୀ ତଥା ଅଧ୍ୟାପକ ମହେନ୍ଦ୍ର କୁମାର କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଅଧ୍ୟାପକ ଜିତେନ୍ଦ୍ର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା ରୁକୁଣା ରଥ



ବାଳିକା, ବାଳକମାନେ ରଥ ଟାଣୁଛନ୍ତି।

**ବାରିପଦା,୨୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ):**

ମୟୂରଭଞ୍ଜ ଜିଲା ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ମହାପ୍ରଭୁଙ୍କ ବଡ଼ଦାଣ୍ଡରେ ଅଶୋକାଷ୍ଟମୀ ଉପଲକ୍ଷେ ଅଶୋକଝରୀ(ରୁକୁଣା) ରଥଯାତ୍ରା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଗଡଜାତ ରାଜ୍ୟରେ ମହାରାଜାମାନଙ୍କ ଶାସନ ସମୟରୁ ପାଳିତ ହୋଇଆସୁଛି ଏହି ଅଶୋକଝରୀ ରଥଯାତ୍ରା । ପରମ୍ପରା ଅନୁଯାୟୀ, ଏହି ରଥକୁ କେବଳ ବାଳିକା ବାଳକମାନେ ଟାଣିଥାନ୍ତି । ହରିବଳଦେବଜୀଉ ମନ୍ଦିରରୁ ମହାପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ରଥାରୁଢ ହୋଇ ଅଶୋକବନକୁ ଯାତ୍ରା କରିଥିଲେ। ବାରିପଦା ବଡ଼ ଜଗନ୍ନାଥ ମନ୍ଦିରର ରତୀନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୁମାନଙ୍କ ନିକଟରେ ପହଡ, ପଣା କାର୍ଯ୍ୟ ସମାପନ ହୋଇଥିଲା। ମନ୍ଦିର ପରିଛା ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ମନ୍ଦିରର ୩ ପୂଜାପଣ୍ଡା ପହଣ୍ଡିରେ ଠାକୁରମାନଙ୍କୁ ରଥାରୁଢ କରାଇଥିଲେ। ଏହାପରେ ସୁସଜ୍ଜିତ ରଥକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତି ଏବଂ ମନ୍ଦିର ସେବାୟତମାନଙ୍କ ଶଙ୍ଖ, ଘଣ୍ଟା, ମୃଦଙ୍ଗ ସହିତ ହରିବୋଲ ସଙ୍କୀର୍ତ୍ତନ ଓ ହୁଳହୁଳିରେ ବଡ଼ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ମାଉସୀ ମା' ମନ୍ଦିର ନିକଟକୁ ବାଳିକା ବାଳକମାନେ ଟାଣିଥିଲେ। ସେଠାରେ ସମସ୍ତ ସେବାୟତ ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢି ସଂଗ୍ରହ କରି ରଥ ନିକଟକୁ ଆଣିବା ପରେ ରଥରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନାରେ ଅଶୋକ କଢି ଲାଗି ହୋଇଥିଲା । ଏହାପରେ ଉକ୍ତ ଅଶୋକ କଢିକୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା ।

